● ୮ ଦିନ ହେଲା ନାବାଳକଙ୍କ ପତ୍ତା ମିଳୁନି

# ଥାନାର ଦ୍ୱାରସ୍ଥ ହେଲେ ପରିବାର ଲୋକ



ମାଥିଲି,୧୯।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚାଉଳମେଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାଙ୍ଗଣିଗୁଡା ଗ୍ରାମର ସ୍ୱର୍ଗୀୟ ରାମନାଥ ମାଟାମଙ୍କ ୧୭ ବର୍ଷୀୟ ସାନ ପୁଅ କୁମର ମାଟାମ ଗତ ୧୧ ତାରିଖ ଠାରୁ ନିଖୋଜ ଥିବାରୁ ବଡ଼ ଭାଇ ଅଜୟ ମାଟାମ ଗତକାଲି ମାଥିଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ନେବାରୁ କୁମର ଗତ ୧୧ ତାରିଖ ଦିନ ଉପରବେଳାରେ ଗାଁ ନିକଟରେ ଥିବା ଖେଳ ପଡିଆକୁ ସାଙ୍ଗ ମାନଙ୍କ ସହିତ କ୍ରିକେଟ ଖେଳିବା ପାଇଁ ଯାଇଥିଲା। ସାଙ୍ଗ ମାନଙ୍କ ସହିତ ଖେଳ ସାରି ସନ୍ଧ୍ୟାରେ ଘରକୁ ଆସିଥିଲା। କିନ୍ତୁ ଘରେ ମାତ୍ର କିଛି ସମୟ ରହିବା ପରେ କୁଆଡେ ଚାଲି ଯାଇଛି। ପରିବାର ଲୋକେ ସେହିଦିନଠାରୁ ନିଜର ସମ୍ପର୍କୀୟ ଘରେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳି ନଥିଲା। ଶେଷରେ ୧୮ ତାରିଖ ସନ୍ଧ୍ୟାରେ ନିଖୋଜ ନାବାଳକ କୁମରର ବଡଭାଇ ଅଜୟ ମାଥିଲି ଠାରେ ଲିଖିତ ସହ କୁମରର ଫଟୋ ଦେଇ ଅଭିଯୋଗ କରିଛନ୍ତି। ମାଥିଲି ଥାନା ଅଧିକରିଣୀ ଦୀପାଞ୍ଜଳି ପ୍ରଧାନ ଲିଖିତ ଅଭିଯୋଗ ପାଇବା ପରେ ଥାନାର ସବ୍ ଇନ୍ସପେକ୍ଟର ମନରଞ୍ଜନ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ ସବ୍ ଇନ୍ସପେକ୍ଟର ପ୍ରଧାନ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଜୟପୁର ପେପର ମିଲ୍ ପୁନରୁଦ୍ଧାର ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



କୋରାପୁଟ,୧୯।୫(ସମିସ): ଜୟପୁର ସ୍ଥିତ ସେୱା ପେପର ମିଲ ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ହଜାର ହଜାର ସ୍ଥାୟୀ କର୍ମଚାରୀ, ଅବସରପ୍ରାପ୍ତ ଶ୍ରମିକ, ଠିକା ଶ୍ରମିକ, ଠିକାଦାର, ସପ୍ଲାୟର ଓ ପରିବହନ ବ୍ୟବସାୟୀଙ୍କ ପରିବାର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ସେୱା ପେପର ମିଲକୁ ଶୀଘ୍ର ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ୨୦୨୫ ସେପ୍ଟେମ୍ବର ୯ରେ ଜୟପୁର ଗସ୍ତ ସମୟରେ ଏକ ସାଧାରଣ ସଭାରେ ଖୁବ ଶୀଘ୍ର କାଗଜ କଳକୁ ଆରମ୍ଭ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୨୬ ମାର୍ଚ୍ଚ ୧୧ରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଦୁଇଟି ଶ୍ରମିକ ସଂଘର ପ୍ରତିନିଧିମାନେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କାଗଜ କଳର ପୁନରୁଦ୍ଧାର ଦାବି କରିଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଚେମ୍ବର ଅଫ କମର୍ସ ପକ୍ଷରୁ ମଧ୍ୟ ଏନେଇ ବାରମ୍ବାର ଦାବି ହୋଇ ଆସୁଛି। ୨୦୨୫ ଏପ୍ରିଲରେ "ମାର୍କ ଏବି କ୍ୟାପିଟାଲ' ନାମକ ଏକ ନୂତନ ନିବେଶକ ପ୍ରତିନିଧି କାଗଜକଳକୁ ପରିଦର୍ଶନ କରି ଏହାର ଶୀଘ୍ର ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶୃତି ଦେବା ସହ ୨୩ ସେପ୍ଟେମ୍ବର ୨୦୨୫ ରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ଏନଓସି ମଧ ପାଇଥିଲେ। ତଥାପି ଆଜି ପର୍ଯ୍ୟନ୍ତ ମିଲ ଚାଲୁ ହୋଇନଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ଦୀର୍ଘଦିନ ଧରି ବେତନ ଓ ବିଭିନ୍ନ ବକେୟା ଅର୍ଥ ପ୍ରଦାନ ନ ହେବାରୁ କର୍ମଚାରୀ ଓ ଶ୍ରମିକମାନେ ଗୁରୁତର ଆର୍ଥିକ ସଙ୍କଟରେ ଅଛନ୍ତି। ଆର୍ଥିକ ଅସୁବିଧାରେ ୪୦ରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ଅଭିଯୋଗ ହୋଇଛି। ୨୦୦ରୁ ଅଧିକ ଅବସରପ୍ରାପ୍ତ ଶ୍ରମିକ ଜୀବିକା ନିର୍ବାହ ପାଇଁ ସଂଘର୍ଷ କରୁଥିବାବେଳେ ଅନେକ ସ୍ଥାୟୀ କର୍ମଚାରୀ ପରିବାର ପୋଷଣ ପାଇଁ ରାଜ୍ୟ ବାହାରକୁ ପଳାୟନ କରିଛନ୍ତି। ଠିକା ଶ୍ରମିକ, ସପ୍ଲାୟର, ଠିକାଦାର ଓ ପରିବହନ ବ୍ୟବସାୟୀମାନେ ମଧ୍ୟ ଦୟନୀୟ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ମିଲ ବନ୍ଦ ଥିବାରୁ ଭିତ୍ତିଭୂମି ଧୀରେଧୀରେ ନଷ୍ଟ ହୋଇଯିବା ସହ ସୁରକ୍ଷା ଅଭାବରୁ ମୂଲ୍ୟବାନ ସମ୍ପତ୍ତି ଚୋରି ହେଉଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ସରକାର ନିଜ ତତ୍ତ୍ୱାବଧାନରେ କାଗଜକଳକୁ ଶୀଘ୍ର ପୁନରୁଦ୍ଧାର କରିବା ସହ ଆର୍ଥିକ ଓ ପ୍ରଶାସନିକ ତଦନ୍ତ, କର୍ମଚାରୀ ଓ ଶ୍ରମିକଙ୍କ ବକେୟା ଅର୍ଥ ପ୍ରଦାନ ଓ ମିଲରେ ଜଡିତ ହଜାର ହଜାର ପରିବାରଙ୍କ ଜୀବିକା ସୁରକ୍ଷା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ଦାବି କରାଯାଇଛି।

● କାଳବୈଶାଖୀରେ ଘର ଛାତ ଉଡ଼ିଲା

# ରାସ୍ତା ଉପରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ



ନନ୍ଦପୁର, ୧୯।୫(ସମିସ): ଗତ କିଛି ଦିନ ଧରି ନନ୍ଦପୁର ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ବେଶ୍ ପଡୁଥିବା ବେଳେ ନନ୍ଦପୁର ବ୍ଲକ ଅଧୀନସ୍ଥ ଖିନବର ସଦର ପଞ୍ଚାୟତ ଭାଲୁଗୁଡ଼ା ଗ୍ରାମର ବାରୁସୁ ପାଙ୍ଗି ଓ କ୍ରିଷ୍ଣା ପାଙ୍ଗିଙ୍କ ଘରର ଛାତ ପ୍ରବଳ ପବନରେ ଉଡ଼ିଯାଇଥିବାରୁ ଉଭୟ ପରିବାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘଟଣା ସମ୍ପର୍କରେ ଅବଗତ ପରେ ନନ୍ଦପୁର ତହସିଲ କାର୍ଯ୍ୟାଳୟ ତରଫରୁ ସେମାନଙ୍କୁ ଜରି ପାଲ ଉପଲବ୍ଧ କରାଯାଇଛି। ଆରଆଇ ରିପୋର୍ଟ ପରେ ସହାୟତା ପ୍ରଦାନ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ସେମିଳିଗୁଡାରୁ ବିଶାଖାପାଟଣା ଭାୟା ନନ୍ଦପୁର ଦେଇ ଯାଇଥିବା ଏମ୍‌ଡିଆର-୫୫ ରାସ୍ତାର ପାଡୁଆ ବଡ଼ଦେବତା ମନ୍ଦିର ନିକଟରେ ଏକ ବଡ଼ ଗଛ ରାସ୍ତା ଉପରେ ପଡ଼ିଯାଇଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ମୁଖ୍ୟ ଅଗ୍ନିଯୋଦ୍ଧା ଚିନ୍ନା ରେଡ୍ଡୀ, ଅଗ୍ନିଯୋଦ୍ଧା ପ୍ରକାଶ କିଷାନ, ଥବିର ଭୋଇ, କିରଣ କୁମାର ମହାରଣା, ଜଗନ୍ନାଥ ଦଳାଇ ଓ ଅଗ୍ନିଯୋଦ୍ଧା ଗାଡ଼ିଚାଳକ ଅଜୟ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇଥିଲେ। ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ରାସ୍ତା ଅବରୋଧ ହଟିବା ପରେ ପୁଣିଥରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ନିତ୍ୟ ପ୍ରତ୍ୟହ ଜାରି ରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି।

# ୨୧ରେ କୋରାପୁଟରେ ସ୍ୱତନ୍ତ୍ର ପେନ୍‌ସନ ଅଦାଲତ

କୋରାପୁଟ,୧୯।୫(ସମିସ) : ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରିର ପେନସନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସମେତ ଡେପୁଟି କଲେକ୍ଟର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଓଡିଶା ସରକାରଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲ୍ଲାରେ ପେନସନ ଅଦାଲତ ଅନୁଷ୍ଠିତ ହେବ ବୋଲି କୋରାପୁଟ ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି। ମେ ୨୧ରେ ସାଧାରଣ କର୍ମଚାରୀ ଓ ୨୨ମେରେ ପୋଲିସ କର୍ମଚାରୀଙ୍କ ପାଇଁ ପୂର୍ବାହ୍ନ ୯ ଘଟିକା ଠାରୁ ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ପେନସନ ସମ୍ବନ୍ଧୀୟ ଅଭିଯୋଗ ଥିବା ଅବସରପ୍ରାପ୍ତ କର୍ମଚାରୀ କିମ୍ବା ଉତ୍ତରାଧିକାରୀମାନେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ବୋଲି କୁହାଯାଇଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୯।୫(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ବୈଠକର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟ ସେପ୍ଟେମ୍ବର ୬ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଭୋଟର ତାଲିକା ସଂଶୋଧନ ଯେଭଳି ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ରହିବ ତା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସମସ୍ତ ରାଜନୈତିକ ଦଳକୁ ବୁଥ୍ ଲେଭେଲ୍ ଏଜେଣ୍ଟ ନିୟୋଜିତ କରି ବୁଥ୍ ଲେଭେଲ୍ ଅଫିସରଙ୍କୁ ସହାୟତା କରିବାକୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବିଏଲଓ ମାନେ ଚଳିତ ମାସ ୨୦ ଠାରୁ ୨୮ ତାରିଖ ମଧ୍ୟରେ ଘର ଘର ବୁଲି ଭୋଟର ତାଲିକାର ତଥ୍ୟ ସଂଗ୍ରହ କରିବେ। ଯାଞ୍ଚ ସମୟରେ ଯଦି କୌଣସି ଭୋଟର ଅନୁପସ୍ଥିତ ଥାଆନ୍ତି, ତେବେ ବୁଥ ସ୍ତରୀୟ ଅଧିକାରୀ ସେହି ଘରକୁ ଅତିକମରେ ୩ ଥର ଯିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ବାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲାର ଇଆର୍‌ଓ, ଡେପୁଟୀ କଲେକ୍ଟର (ନିର୍ବାଚନ) ଚିନ୍ମୟ କୁମାର ସାହୁ ଏବଂ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ କଂଗ୍ରେସ ପକ୍ଷରୁ ମୁନା ତ୍ରିପାଠୀ, ପ୍ରଦୀପ କୁମାର ସାହୁ , ବିଜେଡି ପକ୍ଷରୁ ପ୍ରମୋଦ କୁମାର ରଥ ଏବଂ ବିଜେପି ପକ୍ଷରୁ କୁଞ୍ଜ ବିହାରୀ ଦାଶ ଓ ସରୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଏବଂ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



# କିଚପାଲି ଗ୍ରାମରେ 'ସେବା ଜୁହାର' କାର୍ଯ୍ୟକ୍ରମ



ମାଲକାନଗିରି,୧୯।୫ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କିଚପାଲି ଗ୍ରାମରେ ୯ ମ ବାର୍ଷିକ ଉତ୍ସବ/ ସେବା ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପିଲା ଠାରୁ ବୃଦ୍ଧ ଯାଏଁ ଏହି ବାର୍ଷିକ ଉତ୍ସବରେ ନିଜ ନିଜର ନୃତ୍ୟ, ଡ୍ରାମା ସହ ବିଭିନ୍ନ କଳା ପ୍ରଦର୍ଶନ କରିଥାନ୍ତି। ତେବେ କୌଣସି ଅନୁଷ୍ଠାନରେ କେବଳ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିବା ଦେଖିଆସୁଥିବା ବେଳେ ଆଜି ପ୍ରଥମ କରି ଏକ ଗ୍ରାମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ର, କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ଗ୍ରାମର ପେଦା ଉପେନ୍ଦ୍ର ମାଡକାମୀ, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମାଡକାମୀ, ସମାଜସେବୀ ଭୀଷ୍ମ ପାଙ୍ଗି ଏବଂ ଈଶ୍ୱର ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମବାସୀ ବିଧାୟକ ଶ୍ରୀ ଖିଲ ଙ୍କୁ ବାଜା ବଜାଇ ଆଦିବାସୀ ନୃତ୍ୟ ଢେମସା ର ତାଳେ ତାଳେ ଗ୍ରାମକୁ ପାଛୋଟି ନେଇଥିଲେ। ବିଧାୟକ ଶ୍ରୀ ଖିଲ ନିଜେ ଗ୍ରାମବାସୀ ଙ୍କ ସହ ମିଶି ଢେମ୍ସା ନୃତ୍ୟ ପରିବେଷଣ କରିଥିବା ଦେଖିବାକୁ ମିଳିଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ଗ୍ରାମରେ ହେଉଥିବା ଏଭଳି ନିଆରା କାର୍ଯ୍ୟକ୍ରମ କୁ ଭୁରି ପ୍ରଶଂସା କରିବା ସହ ଗ୍ରାମରେ ଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀଙ୍କ ଦ୍ୱାରା କୋୟା ନୃତ୍ୟ ଠାରୁ ଆରମ୍ଭ କରି ଆଦିବାସୀ ନୃତ୍ୟ ଏବଂ ଡ୍ରାମା ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ନିମନ୍ତେ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ। ରାହୁଲ ମାଡକାମୀ ମଞ୍ଚ ପରିଚାଳନା କରିଥିଲେ।

# ବିଡ୍ରୀ ମନ୍ଦିରରେ ଚୋରି ଘଟଣାରେ ୨ ଗିରଫ

ଉମରକୋଟ ୧୯।୫(ସମିସ): ଉମରକୋଟ ଅଞ୍ଚଳରେ ଥିବା ମାଆ ବିଡ୍ରୀ ଠାକୁରାଣୀ ମନ୍ଦିରରେ ଚୋରି ହୋଇଥିବା ଘଟଣାରେ ଆଜି ଉମରକୋଟ ପୋଲିସ ଦୁଇ ଜଣଙ୍କୁ ଗିରଫ କରି କିଛି ଚୋରି ସାମଗ୍ରୀ ଜବତ କରିବା ସହ କୋର୍ଟ ଚାଲାଣ କରି ଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ପ୍ରକାଶ କରିଛନ୍ତି। ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ବିଡ୍ରି ସ୍ଥିତ ମନ୍ଦିରରୁ ଚୋରମାନେ ରୂପା ମୁକୁଟ, ଛତ୍ର, ପିତଳ ସାମଗ୍ରୀ ସହ ନଗଦ ଟଙ୍କା ଗତ ୬ ତାରିଖ ରାତିରେ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଚୋରମାନେ ୪ଟି ରୁମ୍ ତାଲା ଭାଙ୍ଗିବା ସହିତ ଦୁଇଟି ଘରର ତାଲା ଭାଙ୍ଗିବ ପରେ ମନ୍ଦିର ଭିତରେ ରହିଥିବା ବିଭିନ୍ନ ପୂଜା ସାମଗ୍ରୀ ଚୋରି କରି ନେଇଥିଲେ। ଚୋରମାନେ ଠାକୁରାଣୀଙ୍କ ୧୫ଟି ରୂପା ମୁକୁଟ, ୪ଟି ରୂପା ଛତ୍ର, ୩ଟି ପିତଳ ଥାଳି, ୪ଟି ପିତଳ ଡାଳ, ଗୋଟିଏ ମାଇକ ସେଟ୍ ଏବଂ ୨ଟି ଫାର୍ସା ଟାଙ୍ଗିଆ ମଧ୍ୟ ଚୋରି କରିଥିଲେ। ଏଥିସହ ଠାକୁରାଣୀଙ୍କ ଦକ୍ଷିଣା ବାବଦରେ ରହିଥିବା ପ୍ରାୟ ୫ ହଜାର ଟଙ୍କା ମଧ୍ୟ ଚୋରମାନେ ଚୋରି କରିଥିବା ଏତଲାରେ ଦର୍ଶାଇ ଥିଲେ। ଆଜି ଏହି ଦୁଇ ଚୋର ଭଗବାନ ଗୌଡ଼ ଓ ରାହା କୁଶବାହା ଠାରୁ ଗୋଟିଏ ମାଇକ ସେଟ, ଦୁଇଟି ପିତ୍ତଳ ଥାଳି, ଦୁଇଟି ପିତ୍ତଳ ଡାଳ, ଦୁଇଟି ରୁପା ମୁକୁଟ, କିଛି ମୁଦ୍ରା ଓ ଚୋରିରେ ବ୍ୟବହାର ହୋଇଥିବା ଲୁହା ରୋଡ଼ ଜବତ କରିଛନ୍ତି। ଦୁଇ ଜଣ ଅଭିଯୁକ୍ତ ଚୋରଙ୍କୁ ଆଜି କୋର୍ଟ ଚାଲାଣ କରାଯାଇ ଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ । ଏହି ସାମ୍ବାଦିକ ସମ୍ମିଳନୀରେ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ଓ ଥାନା ଅଧିକାରୀ ବିପିନ ବାଘ ଉପସ୍ଥିତ ଥିଲେ।

# ଜଟାବାଲରେ ଜବରଦଖଲ ଉଚ୍ଛେଦ




ପାପଡାହାଣ୍ଡି,୧୯।୫(ସମିସ): ଆଜି ପ୍ରଶାସନ ତରଫରୁ ଜଟାବାଲ ଠାରେ ଉଚ୍ଛେଦ ଆରମ୍ଭ ହୋଇଛି । ଗ୍ରାମର ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଦୋକାନ, ଘର ଆଦିକୁ ଉଚ୍ଛେଦ କରାଯାଇଛି । ତହସିଲଦାର ତପନ କୁମାର ନାୟକ ଓ ପୁଲିସର ଉପସ୍ଥିତିରେ ଶାନ୍ତି ଶୃଙ୍ଖଳା ଭାବେ ଏହି ଉଚ୍ଛେଦ କରାଯାଇଥିଲା। ରାସ୍ତାର ମଧ୍ୟ ଭାଗରୁ ଉଭୟ ପଟ ୧୫ଫୁଟ ଲେଖାଏଁ ପ୍ରଶସ୍ତିକରଣ ଲାଗି ଭଙ୍ଗା ଯାଇଥିଲା। ପୂର୍ବରୁ ୩୦ ମଧ୍ୟରେ ଖାଲି କରିବା ଲାଗି ପ୍ରଶାସନ ତରଫରୁ ନୋଟିସ ଜାରି କରାଯାଇଥିଲା। ପରେ ସାତ ଦିନ ମଧ୍ୟରେ ଖାଲି କରିବା ଲାଗି ନୋଟିସ ହୋଇଥିଲା। ଏହା ନ ଶୁଣିବାରୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲା । ପ୍ରାୟ ୪୦ରୁ ଅଧିକ ଦୋକାନ ଓ ଘର ଉଚ୍ଛେଦ କରାଯାଇଛି। ଉଚ୍ଛେଦକୁ ଶାନ୍ତି ପୂର୍ଣ୍ଣ ଭାବେ ଗ୍ରାମବାସୀ ସହଯୋଗ କରିଥିଲେ। ତେବେ ଦୋକାନ ଉଚ୍ଛେଦ ପରେ ବହୁ ଦୋକାନୀ ଚିନ୍ତାରେ ପଡିଯାଇଛନ୍ତି। ସେଥିରୁ ସେମାନଙ୍କ ପରିବାର ଚାଲୁଥିଲା। ପ୍ରଶାସନ ତରଫରୁ ସହାୟତା ଲାଗି ଗ୍ରାମବାସୀ ନିବେଦନ କରିଛନ୍ତି।

# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ମଶାଲ ଶୋଭାଯାତ୍ରା




ମାଥିଲି,୧୯।୫ (ସମିସ): ଦେଶରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ, ପେଟ୍ରୋଲ, ଡିଜେଲ ଓ ନିତ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କଂଗ୍ରେସ କମିଟିର ବ୍ଲକ ସଭାପତି ମଙ୍ଗଳା ଗୌଡ଼ଙ୍କ ନେତୃତ୍ୱରେ ଦେଶରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ଓ ପେଟ୍ରୋଲ, ଡିଜେଲ ଓ ନିତ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦ କରି ମଶାଲ ଶୋଭାଯାତ୍ରା ସହିଦ ଲକ୍ଷ୍ମଣ ନାୟକ ଭବନ ଠାରୁ ବାହାରି ବଜାର ପରିକ୍ରମା କରି ଡି.ଏନ.କେ. ଛକ ପର୍ଯ୍ୟନ୍ତ ଚାଲିଥିଲା। ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ସାଧାରଣ ସମ୍ପାଦକ ପଦମନ ପାଙ୍ଗି, କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ଓ ଯୁବ ନେତା ତଥା ମାଥିଲି ସଦର ପଞ୍ଚାୟତ ସମିତି ସଭ୍ୟ ବାଲରାଜୁ କୋପେ ଓ କଂଗ୍ରେସ ନେତ୍ରୀ ଗୌରୀ ବଟେ ଉପସ୍ଥିତ ହୋଇ ସହିଦ ଲକ୍ଷ୍ମଣ ନାୟକ ଓ ମହାକା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମିଳିତ ଭାବେ ମଶାଲ ଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଦେଶରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଦାବି, ପେଟ୍ରୋଲ,ଡିଜେଲ, ରନ୍ଧନ ଗ୍ୟାସ ଓ ଅତି ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଉଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମରଣା ନୀତିକୁ କଂଗ୍ରେସ ଦୃଢ଼ ବିରୋଧ କରିଥିଲା। ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି କମାଇକୁ ଦାବି କରା ଯାଇଥିବା ବେଳେ ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରି ଯାଇଥିଲା। ଏହି ମଶାଲ ଶୋଭାଯାତ୍ରାରେ ବ୍ଲକ କଂଗ୍ରେସର ହରି ପୂଜାରୀ, ଉମାକାନ୍ତ ନାୟକ, ପୂର୍ଣ୍ଣ ମହାରଣା, ପଦମ ଗୋତନଙ୍କ ସମେତ ଶହ ଶହ ପୁରୁଷ, ମହିଳା, ଯୁବକ ଓ ଯୁବତୀ ମାନେ ଏହି ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

## ଅଘୋଷିତ ବିଦ୍ୟୁତ କାଟ୍

# ଡିଜେଲ ଅଭାବ; ସ୍ୱାସ୍ଥ୍ୟସେବା ବ୍ୟାହତ




ନନ୍ଦାହାଣ୍ଡି, ୧୯।୫(ସମିସ): ଗୋଟିଏ ପଟେ ଗ୍ରୀଷ୍ମର ପ୍ରକୋପ। ଅନ୍ୟପଟେ ଅଘୋଷିତ ବିଦ୍ୟୁତ କାଟ୍। ଡିଜେଲ ଅଭାବର ସଙ୍କଟ ରୋଗୀ ଓ କର୍ମଚାରୀଙ୍କ ପାଇଁ ଅସୁବିଧାର କାରଣ ସାଜିଛି। ଏପରି ଅଟଥନୀୟ ଅବସ୍ଥା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ଅଧୀନ ସରୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ବାରମ୍ବାର ବିଦ୍ୟୁତ ବିଚ୍ଛିନ୍ନ ହେଉଥିବା ବେଳେ ଡିଜେଲ ଅଭାବରୁ ଜେନେରେଟର ମଧ୍ୟ ଚାଲୁ ରଖିବା ସମ୍ଭବ ହେଉନାହିଁ। ଫଳରେ ଚିକିତ୍ସା ସେବାରେ ବାଧା ସୃଷ୍ଟି ହେଉଛି। ସ୍ଥାନୀୟ ସୂତ୍ରରୁ ପ୍ରକାଶ, ୩୭ ଲିଟର ଡିଜେଲରେ ଜେନେରେଟର କେବଳ ୯ ଘଣ୍ଟା ପର୍ଯ୍ୟନ୍ତ ଚାଲୁଥିବାରୁ ସମସ୍ୟା ଆହୁରି ଗୁରୁତର ହେଉଛି। ଏନେଇ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ନିବେଦିତା ଗୌଡ଼ଙ୍କୁ ପଚାରିବାରୁ ସେ କହିଥିଲେ ଯେ,ବାରମ୍ବାର ବିଦ୍ୟୁତ କାଟ ଓ ଡିଜେଲ ନ ମିଳିବାରୁ ରୋଗୀ ସେବାରେ ବହୁତ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟୁତ ନ ଥିବାରୁ ଫେନ ଚାଲିବା ଅସମ୍ଭବ ଥିବା ସମୟରେ ଅସହ୍ୟ ଗରମରେ ରୋଗୀ ହନ୍ତସନ୍ତ ହୋଉଛନ୍ତି ବୋଲି ରୋଗୀ ତଥା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଲୋକେ ପ୍ରଶାସନର ହସ୍ତକ୍ଷେପ କରିଥିଲେ ମଧ୍ୟ କୌଣସି ପ୍ରକାର ସନ୍ତୋଷ ଜନକ କାର୍ଯ୍ୟ ହୋଇ ପାରୁ ନାହିଁ। ଦୁଇ କିମି ଦୂରରେ ପେଟ୍ରୋଲ ପମ୍ପ ରହିଛି କିନ୍ତୁ ଡିଜେଲ ନ ଥିବାରୁ ମେଡ଼ିକାଲ ରେ ଆଣିବା ସମ୍ଭବ ହୋଇ ପାରୁ ନାହିଁ। ବାରମ୍ବାର ବିଦ୍ୟୁତ କାଟ ହେବା ଓ ଅନ୍ୟପଟେ ଡିଜେଲର ଅଭାବ ପାଇଁ ସାଧାରଣ ଜନତା ମେଡ଼ିକାଲ ଯାଇ ହୋଇରାଣ ହୋଉଛନ୍ତି। ପ୍ରଶାସନ ସ୍ୱାସ୍ଥ୍ୟ ବିଭାଗ ପ୍ରତି ଅଧିକ ଧ୍ୟାନ ଦେଇ ସ୍ୱାସ୍ଥ୍ୟଳୟ ରେ ବିଦ୍ୟୁତ କାଟ ନ କରି ଡିଜେଲ ପର୍ଯ୍ୟାପ୍ତ ମାତ୍ରାରେ ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ

ରାୟଗଡ,୧୯।୫(ସମିସ): ସେଞ୍ଚୁରିୟନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟ(ସିୟୁଟିଏମ)ର ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ୨୦୨୬ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ), ରାୟଗଡାର ପୁରୁଷ ସର୍ଜିକାଲ ୱାର୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। "ମିଳିତ ଭାବରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ: ନିୟମିତ ଭାବରେ ରକ୍ତଚାପ ଯାଞ୍ଚ କରନ୍ତୁ, ନୀରବ ଘାତକକୁ ପରାସ୍ତ କରନ୍ତୁ" ଥିମ୍‌କୁ ଆଧାର କରି କାର୍ଯ୍ୟକ୍ରମଟି ପାଳନ କରାଯାଇଥିଲା। ଜିଏନଏମ୍ ଛାତ୍ରଛାତ୍ରୀମାନେ ସୂଚନାମୂଳକ ଚାର୍ଟ ଓ ପୋଷ୍ଟର ପ୍ରସ୍ତୁତ କରି ଉଚ୍ଚ ରକ୍ତଚାପର କାରଣ, ବିପଦ ସଂକେତ, ଜଟିଳତା ଏବଂ ନିୟମିତ ରକ୍ତଚାପ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ସେଥିପାଇଁ ଔଷଧ ସମୟମତେ ସେବନ, କମ ଲୁଣ ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟାମ, ଓଜନ ନିୟନ୍ତ୍ରଣ ଓ ତମାଖୁ ଓ ମଦ୍ୟପାନରୁ ଦୂରେଇ ରହିବା ଭଳି ସୁସ୍ଥ ଜୀବନଶୈଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୪ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନେ ସଚେତନତା ଅଧିବେଶନରେ ସକ୍ରିୟ ଭାବେ ଯୋଗଦେଇ ରକ୍ତଚାପ ପରୀକ୍ଷାର ସୁବିଧା ମଧ୍ୟ ନେଇଥିଲେ। ରୋଗୀ ଓ ୱାର୍ଡ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଏହା ଜିଏନଏମ୍ ଛାତ୍ରଛାତ୍ରୀଙ୍କ ପାଇଁ ସମୁଦାୟ ଭିତ୍ତିକ ଶିକ୍ଷା ଓ ଯୋଗାଯୋଗ କୌଶଳ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥିଲା। ଏହା ସହିତ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ସଚେତନତା ଓ ପୂର୍ବ ପ୍ରତିରୋଧର ଗୁରୁତ୍ୱକୁ ମଧ୍ୟ ଉଦ୍‌ଘାଟିତ କରାଯାଇଥିଲା।



